## ସଂକ୍ଷେପରେ

### କର୍ମକାଣ୍ଡ ବୈଦିକ ବ୍ରାହ୍ମଣଙ୍କୁ ସରକାରୀ ସହାୟତା ଦାବି

**ବ୍ରହ୍ମପୁର ଅଫିସ୍,୪।୬:** କରୋନା ସମୟରେ ଗଞ୍ଜାମ ଜିଲାର କର୍ମକାଣ୍ଡ ବୈଦିକ ବ୍ରାହ୍ମଣମାନେ ଭାଗ୍ୟକୁ ଆଦରି ବସିଛନ୍ତି। ଜିଲାରେ ୪୫୦୦ରୁ ଅଧିକ ଛୋଟ, ବଡ଼, ମଧ୍ୟମ ଶ୍ରେଣୀର ପଣ୍ଡିତମାନେ ତାଙ୍କ ପରିବାରକୁ ଧରି ବହୁ ଅସୁବିଧାରେ ଧାର କରଜ କରି ପ୍ରତି ପୋଷଣ କରୁଥିବା ନିଖିଳ ଉତ୍କଳ ବୈଦିକ ବ୍ରାହ୍ମଣ ସମାଜ ପ୍ରକାଶ କରିଛି। ଗତବର୍ଷ କୋଭିଡର ପ୍ରଥମ ଲହରରେ ପଣ୍ଡିତମାନଙ୍କ କୌଳିକ ବୃତ୍ତି ତଥା ବିବାହ, ନୂତନ ଗୃହ ପ୍ରବେଶ, ବ୍ରତୋପନୟନ, ମନ୍ଦିର ପ୍ରତିଷ୍ଠା, ଯଜ୍ଞ, ଅଭିଷେକ, ମାଙ୍ଗଳିକ କାର୍ଯ୍ୟ, ମନ୍ଦିରର ଉତ୍ସବ, ମହାବାରୁଣୀ ବୁଡ଼ ସ୍ନାନ, ମେରୁପର୍ବ, ଶୁଦ୍ଧିକ୍ରିୟା କାର୍ଯ୍ୟରୁ ସରକାରଙ୍କ କୋଭିଡ୍ ନିୟମ ମାନି ନିବୃତ୍ତ ରହିଥିଲେ। ଏଭଳି ସମସ୍ୟା କାରଣରୁ ବ୍ରାହ୍ମଣମାନେ ତାଙ୍କ ସନ୍ତାନଙ୍କୁ ଉଚ୍ଚ ଶିକ୍ଷା ଦେଇପାରିଲେ ନାହିଁ କି ଘର ଭଡ଼ା ମଧ୍ୟ ଦେବାରେ ସକ୍ଷମ ନାହାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ସହାୟତା ପ୍ରଦାନ, ବ୍ରାହ୍ମଣ ସମାଜର ସନ୍ତାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା, ସମସ୍ତ ବ୍ରାହ୍ମଣ ପରିବାରକୁ ରାଶନ କାର୍ଡ ପ୍ରଦାନ ପାଇଁ ସଂଘର ସଭାପତି ପଣ୍ଡିତ ସନ୍ତୋଷ କୁମାର ଆଚାର୍ଯ୍ୟ, ସମ୍ପାଦକ ପଣ୍ଡିତ ହରିହର ପାଢ଼ୀ ପ୍ରମୁଖ ଦାବି କରିଛନ୍ତି।

### ମହିଳାଙ୍କୁ ଆକ୍ରମଣ, ଜଣେ ଗିରଫ

**ଛତ୍ରପୁର,୪।୬(ଡି.ଏନ.ଏ.):** ଚମାଖଣ୍ଡି ଥାନା ଅନ୍ତର୍ଗତ ଘଡଘଡାପଲ୍ଲି ଗ୍ରାମରେ କିଆଫୁଲ ତୋଳାକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଜି. ସିମାଞ୍ଚଳ ରେଡ୍ଡୀ। ଘଡଘଡାପଲ୍ଲି ଗ୍ରାମର ଜି.କମଳା ରେଡ୍ଡୀଙ୍କୁ କିଆଫୁଲ ତୋଳାକୁ ନେଇ ଆକ୍ରମଣ ହୋଇଥିଲା। ଏ ନେଇ ସେ ଚମାଖଣ୍ଡି ଥାନାର ଦ୍ୱାରସ୍ଥ ହୋଇ ଦୁଇ ଜଣଙ୍କ ନାମରେ ଏତଲା ଦେଇଥିଲେ। ପୋଲିସ ନଂ.୧୦୫/୨୧ରେ ଏକ ମାମଲା ରୁଜୁ କରି ସିମାଞ୍ଚଳଙ୍କୁ ଗିରଫ କରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଚମାଖଣ୍ଡି ଥାନା ଅଧିକାରୀ ସିତାଂଶୁ ଶେଖର ମାନ୍ଧତା ସୂଚନା ଦେଇଛନ୍ତି।

### ଟିକାକରଣ କେନ୍ଦ୍ରରେ କର୍ମଚାରୀ ଅନୁପସ୍ଥିତି ନେଇ ଅସନ୍ତୋଷ

**ବ୍ରହ୍ମପୁର ଅଫିସ୍,୪।୬:** ବିଏମ୍ସି ପକ୍ଷରୁ ହୋଇଥିବା ଟିକାକରଣ କେନ୍ଦ୍ରରେ ଶୁକ୍ରବାର କର୍ମଚାରୀ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ଦେଖାଦେଇଛି। ଗୁଡ୍ସେଡ୍ ରୋଡ଼ସ୍ଥିତ ଟିକାକରଣ କେନ୍ଦ୍ରରେ ବୃଦ୍ଧା ନମିତା ବେହେରା ସ୍ଲଟ୍ରେ ଧାର୍ଯ୍ୟ ହୋଇଥିବା ସମୟାନୁଯାୟୀ ପହଞ୍ଚିଥିଲେ। ଅପରାହ୍ନ ସାଢ଼େ ଗୋଟାଏରୁ ସାଢେ ୩ଟା ମଧ୍ୟରେ ଟିକା ନେବାକୁ ସମୟ ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ, ବୃଦ୍ଧା ଜଣକ ଟିକା କେନ୍ଦ୍ରକୁ ଯାଇଥିଲେ ମଧ୍ୟ ସେଠାରେ କୌଣସି କର୍ମଚାରୀ ନ ଥିବା ଜାଣିବାକୁ ପାଇଥିଲେ। ସେଠାରେ ଥିବା ସୁରକ୍ଷା କର୍ମୀ ମଧ୍ୟ କେହି ଆସି ନ ଥିବା କହିଥିଲେ। ବୃଦ୍ଧା ଜଣକ ଅପେକ୍ଷା କରି ରହିଥିବା ବେଳେ ବହୁ ବିଳମ୍ବରେ କର୍ମଚାରୀମାନେ ଆସିବା ପରେ ଟିକାକରଣ ଆରମ୍ଭ ହୋଇଥିଲା। ଏ ନେଇ ଉକ୍ତ କେନ୍ଦ୍ରର ଦାୟିତ୍ୱରେ ଥିବା ନୋଡ଼ାଲ ଅଫିସର୍ ସୁସ୍ମିତା ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଟିକାକରଣ କେନ୍ଦ୍ର ଛାଡ଼ି କେହି ବି ଯାଇ ନାହାନ୍ତି। ଟିକା ପ୍ରକ୍ରିୟା ଜାରି ରହିଥିବା ସେ କହିଛନ୍ତି।

# ଜନବସତିକୁ ଯାଉଛି ଏମ୍କେସିଜି ବର୍ଜ୍ୟବସ୍ତୁ ପ୍ଲାଣ୍ଟ ଧୂଆଁ

## ଶ୍ୱାସରୁଦ୍ଧ ଆଶଙ୍କା, ବଢୁଛି ଅସନ୍ତୋଷ

ବ୍ରହ୍ମପୁର ଅଫିସ,୪।୬

ବ୍ରହ୍ମପୁର ବଡ଼ ମେଡିକାଲ ଜୈବ୍ୟ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟରୁ ବାହାରୁଥିବା ଧୂଆଁ ଲୋକଙ୍କ ଘରେ ପଶୁଛି, ଯାହାକୁ ନେଇ ଏବେ ଅସନ୍ତୋଷ ସହ ଅଭିଯୋଗ ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏମ୍କେସିଜିର ବିଭିନ୍ନ ବିଭାଗରୁ ଦୈନିକ ୧ କୁଇଣ୍ଟାଲ ଜୈବ ବର୍ଜ୍ୟବସ୍ତୁ ବାହାରୁଛି। ଏହାକୁ ଭସ୍ମୀଭୂତ କରିବା ପାଇଁ ଆଜକୁ ୧୫ ବର୍ଷ ତଳେ ୮୦ ଲକ୍ଷ ଟଙ୍କା ବ୍ୟୟରେ ଏମ୍କେସିଜିରେ ସ୍ଥାପନ ହୋଇଥିଲା ଜୈବ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ। ଏହି ପ୍ଲାଣ୍ଟ ଭିତରେ ଥିବା ଇନସିନେରେଟର ଜରିଆରେ ଦୈନନ୍ଦିନ ବାହାରୁଥିବା ବର୍ଜ୍ୟବସ୍ତୁକୁ ଭସ୍ମୀଭୂତ କରାଯାଉଛି। ସେଥିରୁ ଦିନରାତି ବିଷାକ୍ତ ଧୂଆଁ ବାହାରୁଛି। ଏହି ଧୂଆଁ ହିଁ ଅଞ୍ଚଳରେ ଅସନ୍ତୋଷ ବଢ଼ାଇବାରେ ଲାଗିଛି। ଇନସିନେରେଟର ସହ ସଂଯୁକ୍ତ ଥିବା ଚିମିନି ଉଚ୍ଚତା ଆଖପାଖ ଅଞ୍ଚଳ ଲୋକଙ୍କ ଘରର ଉଚ୍ଚତା ଠାରୁ କମ୍ ହୋଇଥିବାରୁ ସେଥିରୁ ବାହାରୁଥିବା ଧୂଆଁ କିଛି ଲୋକଙ୍କ ଘର ତଥା ଛାତ ଉପରେ କୁଣ୍ଡଳୀ ସୃଷ୍ଟି କରୁଛି। ଏହା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟହାନିର କାରଣ ହେଉଛି। ଏପରିକି ଅଞ୍ଚଳବାସୀଙ୍କ ମନରେ ଶ୍ୱାସରୁଦ୍ଧ ହେବାର ଆଶଙ୍କା ବଢ଼ିବାରେ ଲାଗିଛି। ଅନ୍ୟପଟେ ଏହି ପ୍ଲାଣ୍ଟ ଚିମିନିର ଉଚ୍ଚତା ବୃଦ୍ଧି କରିବାକୁ ସ୍ଥାନୀୟ ଅଞ୍ଚଳର ଏକାଧିକ ବ୍ୟକ୍ତି ବଡ଼ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଗଜପତିନଗର ବାସିନ୍ଦା ବିଭୁପ୍ରସାଦ ପାଣିଗ୍ରାହୀ, ଅନିଲ କୁମାର ପ୍ରଧାନ, ଶୁଭମ୍ ଜେନାଙ୍କ ସହ ବହୁ ଲୋକ ଭିନ୍ନ ସମୟରେ ସୋସିଆଲ ମିଡିଆରେ ଏମ୍କେସିଜି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏ ନେଇ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏମ୍କେସିଜି ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର କହିଛନ୍ତି, ଏହି ପ୍ଲାଣ୍ଟ ୨୦୦୫ରେ ସ୍ଥାପନ ହୋଇଥିଲା। ସେତେବେଳେ ସେଠାରେ ସେତେଟା ଜନବସତି ନ ଥିଲା। ଜନଶୁଣାଣି ବେଳେ ନିକଟରେ ବାସ କରୁଥିବା ଲୋକମାନେ ଏନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ। ଏବେ ସେଠାରେ ଜନବସତି ଗଢି ଉଠିଛି। ପ୍ଲାଣ୍ଟରୁ ନିର୍ଗତ ଧୂଆଁକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ପ୍ଲାଣ୍ଟର ଢାଞ୍ଚା ପରିବର୍ତ୍ତନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏଠାରେ ଖଞ୍ଜା ଯାଇଥିବା ଚିମିନିର ଉଚ୍ଚତା ୩୫ ଫୁଟ ଥିବା ବେଳେ ସରକାରଙ୍କ ଗାଇଡ୍ଲାଇନ ଅନୁସାରେ ଏବେ ତାର ଉଚ୍ଚତା ୭୦ ଫୁଟ କରାଯାଇଛି। ସରକାରଙ୍କଠାରୁ ଅନୁମତି ମିଳିଲେ ପ୍ଲାଣ୍ଟର ଢାଞ୍ଚାରେ ପରିବର୍ତ୍ତନ କରାଯିବ ବୋଲି ସେ କହିଛନ୍ତି।



ଏମ୍କେସିଜି ବର୍ଜ୍ୟବସ୍ତୁ ପ୍ଲାଣ୍ଟରୁ ନିର୍ଗତ ଧୂଆଁ।

# ଗଞ୍ଜାମ ଜିଲାରେ ୮୫ ଡାକ୍ତରଙ୍କୁ ନିଯୁକ୍ତି

ଛତ୍ରପୁର,୪।୬(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ନୂଆ ୮୫ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଫଳରେ ଜିଲାବାସୀଙ୍କୁ କେତେକାଂଶରେ ଆଶ୍ୱସ୍ତି ମିଳିଛି। ଆସିକା ଉପଖଣ୍ଡ ହସ୍ପିଟାଲରେ ସର୍ବାଧିକ ୮ ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଡାକ୍ତର, କବିସୂର୍ଯ୍ୟନଗର, ଜଗନ୍ନାଥପ୍ରସାଦ ଓ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ ଲେଖାଏ, ଗାଲେରି, ବୁଗୁଡ଼ା, ଦିଗପହଣ୍ଡି, ବଡ଼ଗଡ଼ ଓ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏ ନୂଆ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଗଞ୍ଜାମ ବ୍ଲକ ଅଧୀନ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ ଡାକ୍ତର ଏବଂ ଛତ୍ରପୁର ଅଧୀନ ନରେନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗଞ୍ଜାମ ବ୍ଲକର ହୁମ୍ମା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଜଣେ ଲେଖାଏ ନୂଆ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ଛତ୍ରପୁର ହସ୍ପିଟାଲ ଓ ଛତ୍ରପୁର ବ୍ଲକ ଅନ୍ତର୍ଗତ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନି। ପ୍ରକାଶଯୋଗ୍ୟ,ଯେଉଁ ଉପଖଣ୍ଡ ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୫୦ ପ୍ରତିଶତରୁ କମ ଡାକ୍ତର ଅଛନ୍ତି ସେ ସମ୍ପର୍କରେ ସିଡିଏମଓଙ୍କ ପକ୍ଷରୁ ଏକ ପ୍ରସ୍ତାବ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପଠାଯାଇଥିଲା। ସେହି ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି।

# ରଜ ପର୍ବ ଲାଗି ପ୍ରସ୍ତୁତି ବୈଠକ

**ପୋଲସରା,୪।୬(ଡି.ଏନ.ଏ.):** କସିପଡ଼ାସ୍ଥିତ ମା ସିଂହାସିନୀଙ୍କ ପୀଠରେ ରଜ ପର୍ବ ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୋଭିଡ ଗାଇଡ ଲାଇନ ଅନୁଯାୟୀ କେବଳ ମନ୍ଦିର ପୂଜକଙ୍କୁ ନେଇ ପୂଜାର୍ଚ୍ଚନା କରାଯିବ। ବିନା ଭକ୍ତରେ ପୂଜା ପାଇବେ ମା' ସିଂହାସିନୀ। କୋଭିଡ ନିୟମ ମାନି ପୂଜାର୍ଚ୍ଚନା କରିବା ଲାଗି ପୂଜକ ଏବଂ ମନ୍ଦିର ପରିଚାଳନା କମିଟିକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ତହସିଲଦାର ପ୍ରଦୀପ କୁମାର ନାୟକ, ବିଡିଓ ନିରଞ୍ଜନ ସାହୁ, ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଶିଶୁଙ୍କ ପାଇଁ ୫୦ ଶଯ୍ୟା ସଂରକ୍ଷିତ ରହିବ

## ତୃତୀୟ ଲହର ମୁକାବିଲା ପାଇଁ ଏମକେସିଜିରେ ପ୍ରସ୍ତୁତି

ବ୍ରହ୍ମପୁର ଅଫିସ,୪।୬

କରୋନାର ତୃତୀୟ ଲହର ଆସିପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତୃତୀୟ ଲହର ଶିଶୁମାନଙ୍କ ପାଇଁ ଅଧିକ ଘାତକ ହେବ ବୋଲି ଆଶଙ୍କା କରାଯାଉଛି। ଏହାର ମୁକାବିଲା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଶିଶୁମାନଙ୍କ ଚିକିତ୍ସା ପାଇଁ ଏମକେସିଜି ମେଡିକାଲ କୋଭିଡ୍ ହସ୍ପିଟାଲ୍-୧ରେ ୫୦ଟି ଶଯ୍ୟା ସଂରକ୍ଷିତ ରହିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ଏମକେସିଜି ମେଡିକାଲର ବରିଷ୍ଠ ଡାକ୍ତର ଓ ଅଧିକାରୀମାନେ କୋଭିଡ୍ ହସ୍ପିଟାଲ୍-୧ ପରିଦର୍ଶନ କରିଛନ୍ତି। ସେଠାରେ ଥିବା ୧୫୦ ଶଯ୍ୟାରୁ କରୋନା ସଂକ୍ରମିତ ଶିଶୁଙ୍କ ପାଇଁ କେଉଁଠି ଶଯ୍ୟା ପ୍ରସ୍ତୁତ କରାଯିବ ତାହା ଅନୁଧ୍ୟାନ କରିଥିଲେ। ୫୦ଟି ଶଯ୍ୟା ମଧ୍ୟରେ ୨୦ଟି ସାଧାରଣ ଶଯ୍ୟା, ୧୦ଟି ସ୍ୱତନ୍ତ୍ର ଯତ୍ନ ଶଯ୍ୟା, ୧୦ଟି ଏସ୍ଏନସିୟୁ ଓ ୧୦ଟି ଏଚଡିୟୁ ରହିବ ବୋଲି ସୂଚନା ମିଳିଛି। ଏହାଦ୍ୱାରା ନବଜାତକଙ୍କ ସହ ସମସ୍ତ ଶିଶୁଙ୍କୁ ଆବଶ୍ୟକ ଚିକିତ୍ସା ମିଳିପାରିବ। କୋଭିଡ୍ ହସ୍ପିଟାଲ୍-୧ ପ୍ରସୂତି ବିଭାଗ ନିକଟରେ ରହିଥିବାରୁ ସେଠାରେ ଶିଶୁଙ୍କୁ ରଖି ଚିକିତ୍ସା କରାଗଲେ ସୁବିଧା ହେବ ବୋଲି କୁହାଯାଇଛି। ଶିଶୁଙ୍କ ଚିକିତ୍ସାରେ ଦରକାର ସରଞ୍ଜାମ ଯୋଗାଇ ଦେବାକୁ ଓଡ଼ିଶା ରାଜ୍ୟ ଔଷଧ ନିଗମକୁ ଚିଠି ଲେଖାଯାଇଛି।

# ଟ୍ରକ୍ ଚାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୪।୬:** ବଡ଼ବଜାର ଥାନା ଫାଷ୍ଟଗେଟ ଅଟୋନଗର ରାସ୍ତାରେ ଜଣେ ଟ୍ରକ୍ ଡ୍ରାଇଭର୍ ଗୁରୁବାର ରାତିରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବାବା ଦିନ୍ (୩୨)। ଶୁକ୍ରବାର ପୋଲିସ ମୃତଦେହ ଜବତ କରି ନଂ.୧୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମଧ୍ୟପ୍ରଦେଶ ଚିତ୍ରକୋଟ ଜିଲା ମାଣିକପୁର ବାବା ଦିନ ନାଗପୁରରୁ ଟ୍ରକରେ ଡାଲି ଧରି ଗୁରୁବାର ବ୍ରହ୍ମପୁର ଆସିଥିଲେ। ରାତିରେ ଟ୍ରକଟି ଅଟୋନଗର ରାସ୍ତାରେ ପାର୍କିଂ ହୋଇଥିଲା। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ଟ୍ରକ ଡାଲା ହୁକରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଛି।

# ପଦ୍ମଶ୍ରୀ ମୋହନ ନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳିତ

ବ୍ରହ୍ମପୁର ଅଫିସ୍,୪।୬

ପଦ୍ମଶ୍ରୀ ମୋହନ ନାୟକଙ୍କ ଜନ୍ମ ଶତବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ସହରର ବିଭିନ୍ନ ସଂଗଠନ ସମେତ ଲୋକ ପ୍ରତିନିଧିଙ୍କ ପକ୍ଷରୁ ସହରର ସବ୍ରେଜିଷ୍ଟ୍ରାର ଅଫିସ୍ସ୍ଥିତ ମୋହନ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ୪ ନଂ. ୱାର୍ଡ଼ ପୂର୍ବତନ କର୍ପୋରେଟର ଅନିଲ କୁମାର ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସେହିପରି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଂଘ ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ମୋହନ ନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୋହନ ନାୟକଙ୍କ ସାଂଗଠନିକ ବଳିଷ୍ଠତାରୁ କଂଗ୍ରେସ ଦଳକୁ ମଜଭୁତ କରି ସେ ଗାନ୍ଧୀଙ୍କ ଅହିଂସା ମାର୍ଗକୁ ସମାଜରେ ପ୍ରଚାର କରିପାରିଥିଲେ। ଫଳରେ ସେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ ବୋଲି ସଭାପତି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ମୁଖୀ, ରାଜେଶ ନାୟକ, ସନ୍ତୋଷିନୀ ବେହେରା ଓ ନୀଳାମ୍ବର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।




ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜୟନ୍ତୀ ପାଳିତ।

# ପେସାଦାର ଅପରାଧୀ କୋର୍ଟଚାଲାଣ

## ଚୋରି ମାମଲା, ୪ ସ୍କୁଟି ଜବତ

ଦିଗପହଣ୍ଡି,୪।୬(ଡି.ଏନ.ଏ.)

ସ୍କୁଟି ଚୋରି ଅଭିଯୋଗରେ ଦିଗପହଣ୍ଡି ପୋଲିସ ଶୁକ୍ରବାର କେ. ନୂଆଗାଁ ଥାନା ଗଡ଼ ସାମନ୍ତରାପୁର ଗ୍ରାମର ପେସାଦାର ଅପରାଧୀ ବି. ସନ୍ତୋଷ ପାତ୍ରଙ୍କୁ କୋର୍ଟ ଚାଲାଣ କରିଛି। ମାମଲା ନଂ.୧୧୫/୨୧ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ଜେଲକୁ ପଠାଯାଇଛି।

ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀଙ୍କ ସୂଚନାନୁସାରେ, ଗତ ମେ ୧୭ ତାରିଖରେ ଦିଗପହଣ୍ଡି ସାନ ବ୍ରାହ୍ମଣସାହିର ପ୍ରଶାନ୍ତ ରଥ ତାଙ୍କ ସ୍କୁଟି (ନମ୍ବର – ଓଆର୍ ୦୭ ୟୁ ୮୬୭୩) ନେଇ ଅନ୍ନପୂର୍ଣ୍ଣା ସାହିରେ ରହୁଥିବା ସମ୍ପର୍କୀୟ ଜିତେନ୍ଦ୍ର ମାର୍ଥାଙ୍କ ଘରକୁ ଯାଇଥିଲେ। ସକାଳେ ଦେଖିବା ବେଳକୁ ସ୍କୁଟିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଏନେଇ ସେ ଏତଲା ଦେବା ପରେ ପୋଲିସ ତଦନ୍ତ ଚଳାଇଥିଲା।

ଅର୍ଣ୍ଣପୂର୍ଣ୍ଣା ସାହିରେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଚିହ୍ନଟ ପରେ ଗିରଫ କରାଯାଇଥିଲା। ଦିଗପହଣ୍ଡି ସହର ଉପକଣ୍ଠ ଏନ୍ଏସି ତନଖି ଫାଟକ ନିକଟରେ ଅଭିଯୁକ୍ତ ରଖିଥିବା ସ୍କୁଟିକୁ ପୋଲିସ ଜବତ କରିଥିଲେ। ପରେ ଅଭିଯୁକ୍ତଙ୍କ ସୂଚନାକୁ ଆଧାର କରି ପୋଲିସ ତାଙ୍କ ଗାଁରେ ଲୁଚାଇ ରଖିଥିବା ଏକ ନମ୍ବର ବିହୀନ ସ୍କୁଟି ସମେତ ଅନ୍ୟ ୨ଟି ସ୍କୁଟିକୁ ଜବତ କରାଯାଇଥିବା ଏସ୍ଆଇ ମାଧବ ଚନ୍ଦ୍ର ଟାକ୍ରୀ କହିଛନ୍ତି। ଅଭିଯୁକ୍ତ ଜଣଙ୍କ ଏକ ବାଇକ ଚୋରି ଗ୍ୟାଙ୍ଗର ପ୍ରମୁଖ ସଦସ୍ୟ ହୋଇଥିବା ବେଳେ ମାଷ୍ଟର ମାଇଣ୍ଡ ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁର ଗାଁର ବୋଲି ଜଣାପଡିଛି।



ଗିରଫ ଅଭିଯୁକ୍ତଙ୍କ ସହ ଜବତ କରାଯାଇଥିବା ୪ ସ୍କୁଟି।

# ନିର୍ବାଚନ ଭଳି ଟିକାକରଣ ନିର୍ଦ୍ଦେଶ

## ବୟସ୍କ, ଦିବ୍ୟାଙ୍ଗଙ୍କ ପାଇଁ ଗାଡ଼ି ସୁବିଧା

ଛତ୍ରପୁର,୪।୬(ଡି.ଏନ୍.ଏ.)

କରୋନାର ଦ୍ୱିତୀୟ ଲହର ମୁକିବିଲା ନିମନ୍ତେ ଟିକାକରଣ ଅପରିହାର୍ଯ୍ୟ। ମୋବାଇଲ ଟିମ ଗଠନ କରି ଦୁର୍ଗମ ପାହାଡିଆ ଅଞ୍ଚଳ, ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୪୫ ବର୍ଷରୁ ଉର୍ଦ୍ଧ୍ୱ ବୁଲାବିକାଳୀ, ପରିବା ବିକ୍ରେତା, ସେଲୁନବାଲା, ତେଜରାତି ଦୋକାନୀ, ଗ୍ୟାରେଜରେ କାମ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଟିକା ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ସମସ୍ତ ବିଡିଓ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଜନଗହଳିପୂର୍ଣ୍ଣ ଅଞ୍ଚଳ, ଛକ ଜାଗା ଓ ଦୁର୍ଗମ ଅଞ୍ଚଳରେ ନିର୍ବାଚନ ଢାଞ୍ଚାରେ ଟିକାକରଣ କେନ୍ଦ୍ର କରି ଜନ ସାଧାରଣଙ୍କୁ ଟିକାକରଣ କରାଇବେ। ଗ୍ରାମାଞ୍ଚଳଗୁଡିକରେ ସରପଞ୍ଚ ଓ ସହରାଞ୍ଚଳରେ କାଉନସିଲର ମାନଙ୍କ ସହ ମିଶି ଟିକା ନେବାକୁ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଦିନକ ପୂର୍ବରୁ ଚିରୁକୁଟି ଦେବାକୁ ଜିଲାପାଳ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୈନିକ ଏହାର ସମୀକ୍ଷା କରିବା ସହ ତଦାରଖ କରିବେ। ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗମାନଙ୍କୁ ଗାଡିରେ ଆଣି ଟିକାକରଣ କରାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନଲାଇନ ଓ ଅଫଲାଇନରେ ରେଜିଷ୍ଟ୍ରେଶନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ଟିକା ଦିଆଯିବ। ଟିକାକରଣ କାର୍ଯ୍ୟ ଜିଲାରେ ଯେପରି ଶତପ୍ରତିଶତ ସଫଳତା ହାସଲ କରିବ ସେଥିପ୍ରତି ସମସ୍ତ ଅଧିକାରୀ, କର୍ମଚାରୀମାନେ ତତ୍ପରତା ପ୍ରକାଶ କରିବାକୁ ଜିଲାପାଳ କହିଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୪।୬

ସଦର ଥାନା ନିମଖଣ୍ଡି ଫାଣ୍ଡି ନିକଟ ବେଢ଼ାବନ୍ଧ ହୁଡ଼ାରେ ଥିବା ଏକ ଗଛରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଟି. ରାକେଶ ରାଓ। ପୋଲିସ ମୃତଦେହକୁ ଜବତ କରଥିଲା। ମୃତକଙ୍କ ପକେଟରେ ଥିବା ମୋବାଇଲରୁ ନମ୍ବର ଆଣି ପରିବାର ଲୋକଙ୍କ ସହ ଯୋଗାଯୋଗ କରିବାରେ ରାକେଶଙ୍କ ଭାଇ ଟି. ଭେଙ୍କଟରାଓ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏ ନେଇ ନଂ.୨୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୋବିନ୍ଦ ବିହାର ପ୍ରଥମ ଲାଇନରେ ଭେଙ୍କଟ ଓ ତାଙ୍କ ଭାଇ ରାକେଶ ଏକ ଭଡ଼ାଘରେ ରହୁଥିଲେ। ରାକେଶ ଅଟୋ ଚଳାଉଥିଲେ। ଗତ ୩ ଦିନ ତଳେ କୌଣସି କଥାକୁ ନେଇ ୨ ଭାଇଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ରାକେଶ ଘରଛାଡ଼ି ଚାଲି ଯାଇଥିଲେ।

# ସହକାରୀ ଜେଲରଙ୍କ ବିରୋଧରେ ଏତଲା

## ଜେଲରୁ ମୋବାଇଲ ଫୋନ୍ ଜବତ ଘଟଣା, ଅଧୀକ୍ଷକଙ୍କୁ ଧମକ

ଆସିକା,୪।୬(ଡି.ଏନ.ଏ.)

ଆସିକା ସବଜେଲରୁ ମୋବାଇଲ ଫୋନ୍ ଜବତ ଘଟଣାକୁ କେନ୍ଦ୍ର କରି ଏହି ଜେଲରେ କାର୍ଯ୍ୟରତ ଜଣେ ସହକାରୀ ଜେଲର ଜେଲ ଅଧିକ୍ଷକଙ୍କୁ ଗୁରୁବାର ଧମକ ଦେଇଥିବା ଅଭିଯୋଗ ହୋଇଛି। ଜେଲ ଅଧୀକ୍ଷକଙ୍କ ପକ୍ଷରୁ ଏ ନେଇ ଆସିକା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ସଂପୃକ୍ତ ସହକାରୀ ଜେଲରଙ୍କ ବିରୋଧରେ ଆସିକା ଥାନାରେ ନଂ.୩୩୪/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଜେଲ ଅଧୀକ୍ଷକ ଦିଲୀପ କୁମାର ଜେନା ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ ଗୁରୁବାର ସଂପୃକ୍ତ ସହକାରୀ ଜେଲରଙ୍କୁ ନିଜ ଚାମ୍ବରକୁ ଡାକି ଜବତ ମୋବାଇଲ ଫୋନ୍ ସମ୍ପର୍କରେ ପଚାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସହକାରୀ ଜେଲର ତାଙ୍କୁ ଆକ୍ରମଣ କରିବାକୁ ଆସିଯିବା ସହ ବାଡ଼େଇ ମାରି ଦେବେ ବୋଲି ଧମକ ଦେଇଥିବା ଜେନା ଅଭିଯୋଗରେ ଦର୍ଶାଇଛନ୍ତି।

ଜେଲ ଅଧୀକ୍ଷକ ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ସେ ଏପ୍ରିଲ ୯ରୁ ମେ ୧୬ ତାରିଖ ପର୍ଯ୍ୟନ୍ତ ଛୁଟିରେ ଥିଲେ। ସେହି ସମୟରେ ଅନ୍ୟଜଣେ ଅଧିକାରୀ ଏହି ଜେଲର ଅଧୀକ୍ଷକ ଦାୟିତ୍ୱରେ ରହିଥିଲେ। ସଂପୃକ୍ତ ଅଧିକାରୀଙ୍କ ପକ୍ଷରୁ ଜେଲ ପରିସରରୁ ୫ଟି ମୋବାଇଲ ଫୋନ୍ ଜବତ କରାଯାଇଥିଲା। ସେ ସବୁକୁ ଗୁରୁବାର ଆସିକା ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ତେବେ ସହକାରୀ ଜେଲରଙ୍କ ଦ୍ୱାରା ଜବତ ହୋଇଥିବା ଦୁଇଟି ମୋବାଇଲ ଫୋନ ହସ୍ତାନ୍ତର କରିବା ଲାଗି କହିବାରୁ ସେ ଏଭଳି ଧମକ ଚମକ ଦେଇଥିବା ଜେଲ ଅଧୀକ୍ଷକ ଜେନା ପ୍ରକାଶ କରିଛନ୍ତି। ଏହି ଘଟଣା ଆସିକା ସବଜେଲର ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଜେଲ ଅଧୀକ୍ଷକ ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଶୁକ୍ରବାର ସଂପୃକ୍ତ ସହକାରୀ ଜେଲରଙ୍କୁ ବ୍ରହ୍ମପୁରସ୍ଥିତ ଜେଲ ଡିଆଇଜିଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ସହକାରୀ ଜେଲରଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ମୂଲ୍ୟାୟନ ପଦ୍ଧତି ଘୋଷଣାକୁ ଅପେକ୍ଷା

## ଯୁକ୍ତ ୨ ପରୀକ୍ଷା ବାତିଲ

**ବ୍ରହ୍ମପୁର ଅଫିସ,୪।୫:** କରୋନା ଲାଗି ଚଳିତବର୍ଷର ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ କେନ୍ଦ୍ର ସରକାର ବାତିଲ କରି ସାରିଥିବା ବେଳେ ଶୁକ୍ରବାର ରାଜ୍ୟ ସରକାର ସିବିଏସ୍ଇ ଯୁକ୍ତ ୨ ପରୀକ୍ଷା ବାତିଲ ଘୋଷଣା କରିଛନ୍ତି। ମୂଲ୍ୟାୟନ ବ୍ୟବସ୍ଥା ନିର୍ଦ୍ଧାରଣ କରିବା ପାଇଁ କମିଟି ଗଠନ କରାଯାଇଛି। ଏପଟେ ରେଜଲ୍ଟ କିପରି ହେବ ସେ ନେଇ ବହୁ ମେଧାବୀ ଛାତ୍ରଛାତ୍ରୀ ଚିନ୍ତାରେ ଅଛନ୍ତି। ସେହିପରି ଅନଲାଇନ କ୍ଲାସ କରି ପାଠ ପଢୁଥିବା ପିଲାଙ୍କ ଆଗାମୀ ଭବିଷ୍ୟତ କିପରି ରହିବ ତାହାକୁ ନେଇ ଅଭିଭାବକ ମହଲରେ ଚର୍ଚ୍ଚା ଜୋର ଧରିଛି। ପରୀକ୍ଷା ବାତିଲ ହେବାପରେ ଉଚ୍ଚଶିକ୍ଷା ନିମନ୍ତେ ବିଭିନ୍ନ ପ୍ରବେଶିକା ପରୀକ୍ଷାକୁ ନେଇ ସରକାରଙ୍କ ଆଗାମୀ ପଦକ୍ଷେପ କ'ଣ ରହିବ ସେ ସମ୍ପର୍କରେ ଉତ୍ସୁକତା ଲାଗିରହିଛି।

## ସେମାନେ ଯାହା କୁହନ୍ତି



❝ ଦୁଇବର୍ଷ ଅନଲାଇନରେ ପାଠ ପଢ଼ିଲୁ। ଏବେ ପରୀକ୍ଷା ବାତିଲ ହେଲା। ଆଗାମୀ ଦିନରେ ରେଜଲ୍ଟ କ'ଣ ହେବ ଓ ଉଚ୍ଚ ଶିକ୍ଷା ପାଇଁ କଲେଜରେ କିପରି ଆବେଦନ କରିବୁ ତାହାକୁ ନେଇ ଚିନ୍ତା ରହିଛି। ପରୀକ୍ଷା ନିହାତି ହେବା ଦରକାର।

**- କେ.ଆକାଂକ୍ଷା ପାତ୍ର, ଛାତ୍ରୀ, ମହାମାୟୀ ମହିଳା କଲେଜ**

❝ ଗୋଟିଏ ଦୃଷ୍ଟିରୁ ସରକାରଙ୍କ ପଦକ୍ଷେପ ଠିକ ବୋଲି କହିବି। ଜୀବନ ସୁରକ୍ଷିତ ରହିଲେ ଆଗକୁ ଅଧିକ ପଢ଼ିବା ପାଇଁ ସୁଯୋଗ ମିଳିବ। ତଥାପି ଉଚ୍ଚଶିକ୍ଷା ନିମନ୍ତେ ଆବଶ୍ୟକ ଥିବା ପ୍ରବେଶିକା ପରୀକ୍ଷାକୁ ନେଇ ମଧ୍ୟ ଚିନ୍ତା କରିବାକୁ ପଡୁଛି।



**- ଦିପୁ ଗୌଡ଼, ଛାତ୍ର, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ**

❝ କରୋନା ସମୟରେ ବହୁ କଷ୍ଟରେ ପିଲାଙ୍କୁ ପାଠ ପଢ଼ାଇଛୁ। ସରକାରଙ୍କ ଘୋଷଣା ଗୋଟିଏ ଦୃଷ୍ଟିରୁ ଠିକ। ପରୀକ୍ଷା ବାତିଲ ହେଲେ ମେଧାବୀ ଛାତ୍ରୀଛାତ୍ରମାନେ ଅଧିକ ପ୍ରଭାବିତ ହେବେ।



**- କେ.ଜଗନ୍ନାଥ ପାତ୍ର, ଅଭିଭାବକ**

❝ ବର୍ତ୍ତମାନ ସୁଦ୍ଧା ରେଜଲ୍ଟକୁ ନେଇ କୌଣସି ବିଧିବଦ୍ଧ ଘୋଷଣା ହୋଇନି। ରେଜଲ୍ଟ ଘୋଷଣା ସମ୍ପର୍କରେ ବିଶେଷଜ୍ଞଙ୍କ ଦ୍ୱାରା ବୈଠକ ବସି ପଦକ୍ଷେପ ନିଆଯିବ। ଦଶମ ରେଜଲ୍ଟକୁ ଆଧାର କରି ମାର୍କ ଦିଆଯାଇପାରେ।



**- ଡ. କୁଳମଣି ଓଝା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ, ବ୍ରହ୍ମପୁର**

## ମେଡ଼ିକାଲ ଗାଡ଼ି ଦୁର୍ଘଟଣାଗ୍ରସ୍ତ, ଚାଳକ ଗୁରୁତର

ଖଜୁରିପଡ଼ା/ବଲସକୁମ୍ପା,(ଡି.ଏନ.ଏ.):ଫୁଲବାଣୀ ମୁଖ୍ୟ ଡାକ୍ତରଖାନାର ଆର୍‌ଟିପିସିଆର୍ ଗାଡ଼ି ଶୁକ୍ରବାର ଖଜୁରିପଡ଼ା ଥାନା ସମରଡେଗା ବୁଲାଣିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ରାଜ କିଶୋର ବେହେରା ଗୁରୁତର ହୋଇଛନ୍ତି। ଫୁଲବାଣୀ ଚିକିତ୍ସାଳୟରୁ କୋଭିଡ୍ ପରୀକ୍ଷା ପାଇଁ ନମୁନା ନେଇ ଭୁବନେଶ୍ୱର ଅଭିମୁଖେ ଗାଡ଼ିଟି ଆସୁଥିବା ବେଳେ ସମରଡେଗା ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଚାଳକଙ୍କୁ ଖଜୁରିପଡ଼ା ଡାକ୍ତରଖାନା ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

**ସଂକ୍ଷେପରେ**

## ଗଛରେ ପିଟିହେଲା କୁକୁଡ଼ା ଗାଡ଼ି



**ଗୋଷାଣୀ,୪।୬:**ବ୍ରହ୍ମପୁରରୁ ଗୁଣୁପୁର କୁକୁଡ଼ା ନେଇ ଯାଉଥିବା ଏକ ଗାଡ଼ି ଶୁକ୍ରବାର ଏନ୍‌ଏଚ୍ ୩୨୬ ଏ ସେଞ୍ଚୁରିଆନ ୟୁନିଭରସିଟି ନିକଟରେ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ଅଧାରୁ ଅଧିକ କୁକୁଡ଼ାଙ୍କ ମୃତ୍ୟୁ ହୋଇଛି। ଖବର ପାଇ ଘଟଣାସ୍ଥଳରେ ମାଲିକ ପହଞ୍ଚିଲା ବେଳକୁ ସମସ୍ତ କୁକୁଡ଼ା ଲୋକେ ନେଇଯାଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମାଲିକ ଗୁରାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାଧିକାରିଣୀ ମମତା ପଣ୍ଡା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

## ୫୧ ୟୁନିଟ ରକ୍ତ ସଂଗ୍ରହ

**ଆସିକା,୪।୬ (ଡି.ଏନ.ଏ.)**-ଗାଙ୍ଗପୁର ହାଇସ୍କୁଲର ପୁରାତନ ଛାତ୍ରଙ୍କ ଦ୍ୱାରା ଗଠିତ ଦି ଗ୍ରେଟ ଫ୍ରେଣ୍ଡସ ଗ୍ରୁପର ଏକ ଶାଖା ଦି ଗ୍ରେଟ ଡୋନରସ ଗ୍ରୁପ ପକ୍ଷରୁ ଶୁକ୍ରବାର ଗାଙ୍ଗପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟର ୧୦ ଜଣିଆ ମେଡିକାଲ ଟିମ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଶିବିରକୁ ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର କୁମାର ଡାକୁଆ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନାଧିକାରୀ ଧିରେଶ କୁମାର ଦାସ, ପୂର୍ବତନ ବେଲଗୁଣ୍ଠ ବ୍ଲକ ଅଧକ୍ଷ ନିଳମଣି ବିଷୋୟୀ, ପ୍ରଦ୍ୟୁମ୍ନ ପାତ୍ର, ସନ୍ତୋଷ କୁମାର ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ।

## ବିଲାବାଡ଼ି ପଞ୍ଚାୟତରେ କୋଭିଡ୍ ଟିକାକରଣ

**ଖଜୁରିପଡ଼ା,୪।୬(ଡି.ଏନ.ଏ.)**-ଖଜୁରିପଡ଼ା ବ୍ଲକର ଦୁର୍ଗମ ଅପହଞ୍ଚ ଅଞ୍ଚଳ ବିଲାବାଡ଼ି ପଞ୍ଚାୟତରେ ଗୁରୁବାର ୪୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗର ଲୋକଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଏଠାରେ ଏହା ପୂର୍ବରୁ ଥରେ ଟିକାକରଣ କାର୍ଯ୍ୟକ୍ରମ ହୋଇଥିଲା। ସେ ସମୟରେ ଟିକା ନେଇ ପାରି ନ ଥିବା ଲୋକଙ୍କ ଲାଗି ଏବିଡିଓ ଦିବ୍ୟସିଂହ କହଁରଙ୍କ ତତ୍ତ୍ୱାବଧାନରେ ପୁଣି ଟିକାକରଣ କାର୍ଯ୍ୟକ୍ରମ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୨୮ ଜଣ ଟିକା ନେଇଥିବା ବେଳେ ପୁଣିଥରେ ଏଭଳି କାର୍ଯ୍ୟକ୍ରମ ହେବ ବୋଲି ବିଡିଓ ରବୀନ୍ଦ୍ରନାଥ କହଁର କହିଛନ୍ତି। ସେହିପରି ସୁଡୁକୁମ୍ପା ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଟିକାକରଣ କାର୍ଯ୍ୟକ୍ରମ ହୋଇଛି। ଏଠାରେ ମୋଟ ୬୫ ଜଣ ମହିଳା ପୁରୁଷ ଟିକା ନେଇଛନ୍ତି। କାର୍ଯ୍ୟକ୍ରମରେ ଓଡିଶା ଜୀବିକା ମିଶନର ଅଧିକାରୀ ପରେଶ ଦିଗାଲ, ମନୋଜ କୁମାର ସାସମାଲ, ଗୋକୁଳ କହଁର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସ୍ୱାସ୍ଥ୍ୟକର୍ମୀ, ନର୍ସ ସୁବାସିନୀ ଦେହୁରୀ ଓ ଚନ୍ଦ୍ରିକା ବେହେରା, ଡାଟାଏଣ୍ଟ୍ରି ବିରୂପାକ୍ଷ ସେଠୀ ଟିକାକରଣ କାର୍ଯ୍ୟ ପରିଚାଳନା କରିଥିଲେ।

# ଘୁମୁସର ଜଙ୍ଗଲରେ ଚୋରି ବଢ଼ୁଛି

**ଭଞ୍ଜନଗର,୪।୬(ଡି.ଏନ.ଏ)**

ଜନସଂଖ୍ୟା, କଳକାରଖାନା ବୃଦ୍ଧି ଓ ଜଙ୍ଗଲ କ୍ଷୟ ଆଦି କାରଣରୁ ପରିବେଶ ପ୍ରଦୂଷଣ ବଢ଼ୁଛି। ପରିବେଶ ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି। ଜଙ୍ଗଲ ବୃଦ୍ଧି କରିବା, ନଦୀ ଜଳକୁ ସଫା ରଖିବା, ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ ବିଶ୍ୱ ପରିବେଶ ଦିବସ ପାଳନ ଫିକା ପଡ଼ିଯିବ। ଘୁମୁସର ଉତ୍ତର ବନଖଣ୍ଡରେ କୌଣସି ବଡ଼ କାର୍ଯ୍ୟକ୍ରମ ହେବନାହିଁ । ପ୍ରତ୍ୟେକ ରେଞ୍ଜ ପକ୍ଷରୁ ଗୋଟିଏ ସ୍ଥାନରେ ୧୦ ଜଣଙ୍କୁ ନେଇ ଚାରାରୋପଣ କରିବା ଯୋଜନା ରହିଛି ।

ଘୁମୁସର ଉତ୍ତର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ କାଠ ଚୋରି ବଢ଼ୁଛି । ଫାଇଲିନ୍, ତିତ୍‌ଲି, ଫନି ବାତ୍ୟାରେ ଭାଙ୍ଗିଥିବା ଅନେକ ବଡ଼ ବଡ଼ ଗଛକୁ ଏ ଯାଏ ଡିପୋକୁ ଅଣାଯାଇ ପାରିନାହିଁ । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମୂଲ୍ୟବାନ କାଠ ଚୋରାଇ ନେଉଛନ୍ତି। କେତକ ସ୍ଥାନରେ



ଗାଳେରୀ ସଂରକ୍ଷିତ ଜଙ୍ଗଲ ଭାଗ ନଂ ୭ରେ ବାତ୍ୟାରେ ଭାଙ୍ଗି ପଡ଼ିଥିବା ଗଛ ।

ମୂଲ୍ୟବାନ କାଠଗୁଡ଼ିକୁ ଲୋକେ ଜାଳେଣି ପାଇଁ କାଟି ନେଉଥିବା ଦେଖାଯାଉଛି। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବହୁ ଗଛର ମୂଳ ରହିଥିବା ବେଳେ ଗଣ୍ଡିକୁ ଦୁର୍ବୃତ୍ତ କାଟି ନେଇଛନ୍ତି। ଏଥିରେ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଏବଂ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଏହି ସମସ୍ୟା ଦେଖାଦେଇଛି। ଏଭଳି ସ୍ଥିତିରେ ବର୍ଷବର୍ଷ ଧରି ଗୋଟିଏ

- ଆଜି ବିଶ୍ୱ ପରିବେଶ ଦିବସ
- ଗଛ ମୂଳ ଅଛି, ଗଣ୍ଡି ନାହି

ସେକ୍ସନରେ ଥିବା ବନରକ୍ଷୀମାନଙ୍କୁ ଗୁରୁବାର ଗୋଟିଏ ରେଞ୍ଜରୁ ଅନ୍ୟ ରେଞ୍ଜକୁ ବଦଳି କରାଯାଇଛି। ଏଥିରେ ଅସନ୍ତୁଷ୍ଟ କର୍ମଚାରୀମାନେ ସେମାନଙ୍କୁ ସୁହାଇବା ଭଳି ସ୍ଥାନକୁ ବଦଳି ହୋଇ ଯିବାକୁ ଚେଷ୍ଟା ଚଳାଇଛନ୍ତି । ବିଭିନ୍ନ ବାତ୍ୟାରେ ଭାଙ୍ଗିପଡ଼ିଥିବା କେତେକ ଗଛ ଏବେ ବି ଜଙ୍ଗଲରେ ଖତ ଖାଉଥିବା ଓ ଚୋରି ହେଉଥିବା ନେଇ ଡିଏଫଓ ଅଭୟ କୁମାର ଦଳେଇଙ୍କୁ ପଚାରିବାରେ ସେ କହିଛନ୍ତ, ଫାଇଲିନ୍‌ରେ ଭାଙ୍ଗି ପଡ଼ିଥିବା ସମସ୍ତ କାଠକୁ ଜଙ୍ଗଲରୁ ଉଠାଯାଇଛି। ପରବର୍ତ୍ତୀ ବାତ୍ୟାଗୁଡିକରେ ଭାଙ୍ଗିଥିବା ଗଛକୁ ଉଠାଇବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

## ୧୦୨ ଦିବ୍ୟାଙ୍ଗ ପରିବାରକୁ ରାଶନ ପ୍ରଦାନ

**ଛତ୍ରପୁର,୪।୬ (ଡି.ଏନ.ଏ. )**

ଗଞ୍ଜାମ ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ତରଫରୁ ଛତ୍ରପୁର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୦୨ ଦିବ୍ୟାଙ୍ଗ ପରିବାରକୁ ୩ ମାସର ରାଶନ ପ୍ରଦାନ କରାଯାଇଛି। ଗତ ବର୍ଷ ମଧ୍ୟ କୋଭିଡ୍ ମହାମାରୀରେ ଏହି ଅନୁଷ୍ଠାନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୦, ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଜିଲା ପ୍ରଶାସନକୁ ୨୦୦୦ ମାସ୍କ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ୨୫୨ ଦିବ୍ୟାଙ୍ଗ ପରିବାରକୁ ୩ ମାସର ରାଶନ ପ୍ରଦାନ ସହ ଛତ୍ରପୁରସ୍ଥିତ ଲେପ୍ରୋସି କଲୋନୀର ୫୦ ପରିବାରକୁ ୨ ଥର ରନ୍ଧା ଖାଦ୍ୟ ଦିଆଯାଇଥିଲା । ଏଥିସହ ଛତ୍ରପୁର ସହରରେ ୨ ହଜାର ମାସ୍କ ମଧ୍ୟ ବଣ୍ଟନ କରାଯାଇଥିଲା । ୪୫ ଜଣ ଦିବ୍ୟାଙ୍ଗ ପରିବାରକୁ ୫୦୦୦ ଟଙ୍କା ଲେଖାଏ ଅନୁକମ୍ପା ମୂଳକ ରାଶି ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ଏହି ଶୃଙ୍ଖଳା ଖାଦ୍ୟକୁ ନୂଆଦିଲ୍ଲୀର ଗୁଞ୍ଜ ଅନୁଷ୍ଠାନ ତରଫରୁ ପ୍ରଦାନ କରିଥିବାରୁ ମହାସଂଘ ତରଫରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଆଗକୁ ମଧ୍ୟ ଏହିଭଳି କାର୍ଯ୍ୟ ଚାଲୁରହିବ ବୋଲି ମହାସଂଘର ସାଧାରଣ ସମ୍ପାଦକ ଡା. କେ ଆନନ୍ଦ ରାଓ କହିଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ପାତ୍ରପୁର,୪।୬(ଡି.ଏନ.ଏ.)**

ଜରଡ଼ା ଥାନା ଭୀମପୁର ଗ୍ରାମରେ ଜଣେ ମହିଳାଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ବାଲାଜୀ ତ୍ରିପାଠୀଙ୍କ ସ୍ତ୍ରୀ ବ୍ରହ୍ମତ୍ରୀ ହୋତା (୩୧)। ବ୍ରହ୍ମତ୍ରୀ ଝାଡୁ କଲା ବେଳେ ପଡ଼ିଯାଇ ମୃତ୍ୟୁ ଘଟିଥିବା ନେଇ ବାଲାଜି ଶ୍ୱଶୁରଙ୍କୁ ଜଣାଇଥିଲେ। ହେଲେ ବାପଘର ଲୋକେ ଝିଅର ଏଭଳି ମୃତ୍ୟୁକୁ ସନ୍ଦେହ କରି ପାତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ଜରଡ଼ା ଥାନାଧିକାରୀ ଭାବାନନ୍ଦ ପ୍ରଧାନଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କହିଛନ୍ତି ।

## ଜିଲାପାଳଙ୍କ କୋଭିଡ୍ କାର୍ଯ୍ୟ ସମୀକ୍ଷା

**ପାରଳାଖେମୁଣ୍ଡି,୪।୬(ଡି.ଏନ୍.ଏ.)**

ଗଜପତି ଜିଲାପାଳ ଅନୁପମ ସାହା ଶୁକ୍ରବାର ମୋହନା ବ୍ଲକକୁ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ପ୍ରଥମେ କାଳିଆପଟା କୋଭିଡ୍ ଗୃହକୁ ଯାଇ ଇସିଜି ଗୃହ, ରଞ୍ଜନରଶ୍ମୀ ଗୃହ ବୁଲି ଦେଖିବା ସହ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ମୋହନା ସମିତି ସଭା ଗୃହରେ କୋଭିଡ୍ ନିୟନ୍ତ୍ରଣ ନେଇ ଏକ ବୈଠକ ହୋଇଥିଲା। ଏଥିରେ ବିଡିଓ . ସାର୍ଥକ ସୌରଭ ମହାପାତ୍ର , ତହସିଲଦାର ସାରଦା ପ୍ରସନ୍ନ ପଣ୍ଡା, ଡାକ୍ତର ତ୍ରିଶୁଳ ସେନାପତି, ଡାକ୍ତର ଏମ୍.ଶିବରାମ, ବିପିଏମ ବିଭୁ ପ୍ରସାଦ କର, ବି. କୋଟେଶ୍ୱର ରାଓ ଉପସ୍ଥିତ ଥିଲେ। ବୈଠକ ଶେଷରେ ମୋହନା ମେଡିକାଲରେ ନିର୍ମାଣ କରାଯାଇଥିବା କୋଭିଡ୍ ପରୀକ୍ଷା ଗୃହ ପରିଦର୍ଶନ କରିଥିଲେ। ଏହି ସମୟରେ ମୋହନା ବ୍ଲକର ସମସ୍ତ ସରକାରୀ କର୍ମଚାରୀ ସ୍ୱାସ୍ଥ୍ୟ ବିଭାଗ ଓ ଆଶାକର୍ମୀ, ଅଙ୍ଗନବାଡି କର୍ମୀମାନଙ୍କୁ ପ୍ରଶଂସା କରିଥିଲେ।



ଜିଲାପାଳ ଅନୁପମ ସାହା ସମୀକ୍ଷା କରୁଛନ୍ତି।

## କାର୍ଯ୍ୟାନୁଷ୍ଠାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ପୁରୁଷୋତ୍ତମପୁର,୪।୬(ଡି.ଏନ.ଏ.)**

**ପୁରୀରେ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଘଟଣା**

ପୁରୀରେ ଧରିତ୍ରୀର ଜିଲା ପ୍ରତିନିଧି ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ପୋଲିସ ଆକ୍ରମଣ କରିଥିବା ଘଟଣାକୁ ନେଇ ଶୁକ୍ରବାର ପୁରୁଷୋତ୍ତମପୁର ପ୍ରେସ କ୍ଲବ ପକ୍ଷରୁ ପ୍ରତିବାଦ ସଭା କରାଯାଇଥିଲା। ପରେ ଖବରଦାତାମାନେ ତହସିଲ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ନିତିଶ କୁମାର ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଖବରଦାତାଙ୍କୁ ଆକ୍ରମଣକାରୀ ପୋଲିସ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏଥିସହ ରାଜ୍ୟର ସମସ୍ତ କାର୍ଯ୍ୟରତ ଖବରଦାତାଙ୍କୁ ସୁରକ୍ଷା ଯୋଗାଇ ଦେବାଲାଗି ଦାବି ଉଲ୍ଲେଖ



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

କରାଯାଇଛି। ଖବରଦାତା ସୁରେନ୍ଦ୍ରନାଥ ମହାନ୍ତି, ସଦାଶିବ ପଣ୍ଡା, ସୀମାଞ୍ଚଳ ମିଶ୍ର, ଲିଙ୍ଗରାଜ ଦାଶ, ଅଶୋକ କୁମାର ମହାକୁଡ, ପ୍ରଶନ କୁମାର ଦାଶ, ଭାସ୍କର ବେହେରା, ଚିତ୍ତରଞ୍ଜନ ସାହୁ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ସୁଦାମ ମହାରଣା, କେ.ରମେଶ ଦୋରା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## କୋଭିଡ୍ ସଚେତନତା କାର୍ଯ୍ୟକ୍ରମ

**ବୁଗୁଡ଼ା,୪।୬(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡ଼ି, ଗୋଡ଼ିଆବରୋଦା ଓ ଅନ୍ତରପଡା ଆଦି ତିନୋଟି ଗ୍ରାମପଞ୍ଚାୟତର କାର୍ଯ୍ୟାଳୟ ଗୁଡିକରେ ଗୁରୁବାର କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ସମେତ ବିଡିଓ ତନ୍ମୟ ପାତ୍ର ଓ ତହସିଲଦାର ସଂଗ୍ରାମ କେଶରୀ ଜେନା ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ଠିକ୍ ଭାବେ ମାସ୍କ ପିନ୍ଧିବା ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ପିଇଓ ଏବଂ ଅନ୍ୟ ଜନପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

## କରୋନା ପରୀକ୍ଷା କଲେ ବ୍ୟବସାୟୀ

**ଜି.ଉଦୟଗିରି,୪।୬(ଡି.ଏନ.ଏ.)**

ସଂକ୍ରମଣ ରୋକିବା ପାଇଁ ଏନ୍‌ଏସି ତରଫରୁ ସମସ୍ତ ବ୍ୟବସାୟୀ ଶୁକ୍ରବାର ସ୍ୱତଃପ୍ରବୃତ୍ତ ଭାବେ କୋଭିଡ୍ ପରୀକ୍ଷା କରିଛନ୍ତି। ବ୍ୟବସାୟୀ ସଂଘ ସଭାପତି ମନୋଜ ମହାପାତ୍ର, ସହ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ ସହିତ କିଛି ସଭ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ କୋଭିଡ୍ ପରୀକ୍ଷା କରିଛନ୍ତି। ଏହା ସହିତ ଏନ୍‌ଏସି ତରଫରୁ ଘୋଷଣା କରାଯାଇଥିବା ନିର୍ଦ୍ଧାରିତ ଦିନରେ ସମସ୍ତ ବ୍ୟବସାୟୀ ପରୀକ୍ଷା କରିବାକୁ ଅନୁରୋଧ କରିଛନ୍ତି। ଶୀଘ୍ର ସମସ୍ତ ବ୍ୟବସାୟୀମାନେ ପରୀକ୍ଷା କରିଲେ ସଂକ୍ରମଣରୁ ରୋକିପାରିବା ବୋଲି ତହସିଲଦାର ତଥା ଏନଏସି ଇଓ ଜନ୍ମେଞ୍ଜୟ ସାହୁ କହିଛନ୍ତି।

## ରଙ୍ଗେଇଲୁଣ୍ଡା ବ୍ଲକରେ ରୋଗୀଙ୍କୁ କ୍ୱାକ୍‌ଙ୍କ ଶୋଷଣ

**ଗୋପାଳପୁର,୪।୬–**

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି। ରଙ୍ଗେଇଲୁଣ୍ଡା ବ୍ଲକର ୩୫ଟି ଗ୍ରାମ ରେଡ୍ ଜୋନରେ ରହିଥିବା ବେଳେ ୮୮ଟି ଗ୍ରାମ ଗ୍ରୀନ ଜୋନରେ ରହିଛି। ଏବେବି ବିଭିନ୍ନ ଗ୍ରାମାଞ୍ଚଳରେ ଲୋକଙ୍କୁ ଜ୍ୱର, କାଶ ଓ ଥଣ୍ଡା ଲାଗି ରହିଛି। ଏଭଳି ସମୟରେ ଗୋଳନ୍ଥରା ଚଟି, ରଣ୍ଡା, କନିଷି ହାଟ, ତୁଲୁ, ସୋରଲ ରୋଡ ଜଙ୍କଶନ, କରାପଲ୍ଲୀ ଓ ବିଭିନ୍ନ ଗ୍ରାମାଞ୍ଚଳରେ କ୍ୱାକମାନଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ସାମାନ୍ୟ ଜ୍ୱର ହେଲେ ଲୋକେ କ୍ୱାକଙ୍କ ନିକଟରେ ଗହଳି କରୁଛନ୍ତି। କ୍ୱାକ୍‌ମାନେ ରୋଗୀଙ୍କଠାରୁ ଅତ୍ୟଧିକ ଟଙ୍କା ନେଇ ଶୋଷଣ କରୁଛନ୍ତି। କେବଳ ସେତିକି ନୁହେଁ କେତେଜଣ କ୍ୱାକ୍ ଫଳକ ନ ଲଗାଇ ଘରେ ଓ ଦୋକାନ କରି ରୋଗୀ ଚିକିତ୍ସା କରୁଥିବା ବେଳେ ଆଉ କେତେଜଣ ବାଇକ୍‌ରେ ବୁଲି ଅଭିଜ୍ଞତା ନ ଥାଇ ଇଞ୍ଜେକସନ, ସାଲାଇନ ଓ ବିଭିନ୍ନ ଔଷଧ ଦେଉଛନ୍ତି। ଯାହାଦ୍ୱାରା ରୋଗୀ ସୁସ୍ଥ ହେବା ପରିବର୍ତ୍ତେ ଗୁରୁତର ହୋଇପଡୁଛନ୍ତି। ଅନ୍ୟପଟେ ଜ୍ୱର ରୋଗୀ କରୋନା ଟେଷ୍ଟ ନ କରି ଗୁରୁତର ହେବା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହେଉଥିବା ନଜିର ରହିଛି। ବ୍ଲକରେ କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଗୋପାଳପୁର, ମନ୍ତ୍ରିଡ଼ି ଓ ସୁନାଦେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ରହୁଥିଲେ ମଧ୍ୟ ରୋଗୀ ସେଠାକୁ ନ ଯାଇ କ୍ୱାକମାନଙ୍କ ନିକଟକୁ ଯାଉଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଚଢ଼ାଉ କରି କ୍ୱାକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀଙ୍କଙ୍କ ପକ୍ଷରୁ ଦାବି ହେଉଛି।

## ୬୮ ପଜିଟିଭ୍, ୨ ମୃତ

**ପାରଳାଖେମୁଣ୍ଡି,୪।୬(ଡି.ଏନ୍.ଏ.)**

ଗଜପତି ଜିଲାରେ ଶୁକ୍ରବାର ୬୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ମୋହନା ବ୍ଲକରେ ସର୍ବାଧିକ ୧୮,ପାରଳାଖେମୁଣ୍ଡିରେ ୧୨ ଜଣ, ଗୋଷାଣୀ ବ୍ଲକର ୧୭, ଗୁମ୍ମା ବ୍ଲକରେ ୨, କାଶୀନଗର ବ୍ଲକରୁ ୧୬, ଆର.ଉଦୟଗିରି ବ୍ଲକରୁ ଜଣେ, ରାୟଗଡ଼ ବ୍ଲକରୁ ୨ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ କରୋନା ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇ ୮୪୯୭ରେ ପହଞ୍ଚିଛି। ମୃତ୍ୟୁ ବରଣ କରିଥିବା ୨ ବ୍ୟକ୍ତିଙ୍କ ମଧ୍ୟରେ ପରାଳଖେମୁଣ୍ଡିରୁ ୪୮ ବର୍ଷ ବୟସ୍କ ଜଣେ ପୁରୁଷ, ଏବଂ ଅନ୍ୟ କାଶୀନାଗର ବ୍ଲକର ୪୦ ବର୍ଷର ବ୍ୟକ୍ତି ଥିବା ଜଣାପଡ଼ିଛି। ୮୯ ଜଣ ସୁସ୍ଥ ହୋଇ ନିଜ ନିଜ ଘରକୁ ଫେରିଥିବା ନେଇ ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି। ଏଥିସହ ପାରଳାଖେମୁଣ୍ଡି ସହର ଏବଂ ସମସ୍ତ ଗ୍ରାମାଞ୍ଚଳରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ଟିକାକରଣରେ ସାମିଲ ହେବାପାଇଁ ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ସାହି ସାହି ବୁଲି ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହି ଟିକା କରଣ ପାରଳାଖେମୁଣ୍ଡି ସ୍ଥିତ ମୁଖ୍ୟ ଚିକିତ୍ସାଳୟ ଓ ଭଣ୍ଡାରିସାହି ସ୍ଥିତ ପୌର ଚିକିତ୍ସାଳୟରେ ନିଜର ପରିଚୟ ପତ୍ର ନେଇ ସାମିଲ ହେବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ରୋଜଗାରରେ ସହାୟକ ହୋଇଛି କେନ୍ଦୁପତ୍ର



କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି ମହିଳା

**ବୈଦ୍ୟନାଥ ବେହେରା**
**ଖଜୁରିପଡ଼ା,୪।୬(ଡି.ଏନ.ଏ.)**

କରୋନା ମହାମାରୀରେ ଲୋକମାନେ ଜୀବିକା ହରାଇ ଦୁଃଖକଷ୍ଟରେ ଚଳୁଥିବା ବେଳେ କନ୍ଧମାଳ ଜିଲାରେ କେନ୍ଦୁପତ୍ର ଗରୀବ ମହିଳାଙ୍କ ମୁହଁରେ କିଛିଟା ହସ ଫୁଟାଇଛି। କାଳବୈଶାଖି ବର୍ଷା ଚଳିତ ବର୍ଷ କେନ୍ଦୁପତ୍ର ନଷ୍ଟ କରିଦେଇଛି। ତଥାପି ଯାହା ସଂଗ୍ରହ କରିଥିଲେ ସେ ପଇସା ବି କେନ୍ଦୁପତ୍ର ତୋଳାଳୀଙ୍କୁ ମିଳିନି। ଗତବର୍ଷ କରୋନା ସଂକ୍ରମଣ ଯୋଗୁ ସରକାର ଲକଡ଼ାଉନ ଘୋଷଣା କରିଥିଲେ। ଆଶା ଆଶଙ୍କାରେ ଥିବା କେନ୍ଦୁପତ୍ର ତୋଳାଳୀଙ୍କୁ ପତ୍ର ତୋଳିବା ଲାଗି ସରକାର ଅନୁମତି ଦେବାପରେ କେନ୍ଦୁପତ୍ର ତୋଳିଲେ। ଏବର୍ଷ ଭଲ କେନ୍ଦୁପତ୍ର ଆସିବ ଆଉ ତାକୁ ବିକ୍ରିକରି ଦି ପଇସା ପାଇବେ ବୋଲି ଭାବିଥିଲେ। ହେଲେ ପୁଣି ମହାମାରୀ ସାଙ୍ଗକୁ କାଳବୈଶାଖି ବର୍ଷା କେନ୍ଦୁପତ୍ର ଉଜାଡି ଦେଇଛି। ଚଳିତବର୍ଷ ଫୁଲବାଣୀ କେନ୍ଦୁପତ୍ର ବିଭାଗ ପକ୍ଷରୁ ଫୁଲବାଣୀ, ଗୋଛାପଡ଼ା ଇଷ୍ଟ, ଗୋଛାପଡ଼ା ୱେଷ୍ଟ, ବାଲିଗୁଡ଼ା, ତୁମୁଡିବନ୍ଧ, ଭଞ୍ଜନଗର, ଦଶପଲା ଆଦି ୭ ଟି ରେଞ୍ଜ ଦ୍ୱାରା ପ୍ରାୟ ୧୩ ହଜାର ମେଟ୍ରିକ ଟନ କେନ୍ଦୁପତ୍ର ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ତେବେ ବନାଞ୍ଚଳ ଅଧିକାରୀ ପ୍ରମୋଦିନି ପ୍ରଧାନଙ୍କ ଉଦ୍ୟମ ବଳରେ ୧୨ ହଜାର ମେଟ୍ରିକ ଟନ୍ ସଂଗ୍ରହ ହୋଇଛି। ସେହିପରି କେନ୍ଦୁପତ୍ର ସଂଗ୍ରହ ପୂର୍ବରୁ ଗୋଛା କଟେଇ ଫଡି ଗୃହ ମରାମତି ବାବଦରେ ପ୍ରାୟ ୧କୋଟି ଟଙ୍କା ଖର୍ଚ୍ଚ କରୁଛି ବିଭାଗ। ଜିଲାରେ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳୀ ଅଛନ୍ତି। ଆଉ ପ୍ରତିବର୍ଷ କେନ୍ଦୁପତ୍ର ତୋଳି ସେମାନେ ଜିବିକା ନିର୍ବାହ କରନ୍ତି। ତେବେ ସେମାନଙ୍କୁ ନିୟମିତ ବୋନସ କିମ୍ବା ଅନ୍ୟାନ୍ୟ ସହାୟତା ମିଳୁନଥିବା ଅଭିଯୋଗ କରିଛନ୍ତି । ତେବେ ଏନେଇ କେନ୍ଦୁପତ୍ର ଡିଏଫଓ ପତିତପାବନ ପରିଡ଼ାଙ୍କୁ ପଚାରିବାରେ ସେ ବୁଶକଟିଙ୍ଗ ବାବଦ ଟଙ୍କା ଲୋକଙ୍କୁ ପ୍ରଦାନ କରାଯାଇଛି। ତୋଳାଳୀଙ୍କ ପତ୍ର ବାବଦ ପ୍ରାପ୍ୟ ଓ ବୋନସ ପ୍ରଦାନ ପାଇଁ ଅର୍ଥ ଅନୁଦାନ ଆସିଯାଇଛି। ଶୀଘ୍ର ସେମାନଙ୍କ ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ମିଳୁଛି କମ୍ ପ୍ରାପ୍ୟ, ଶାଳମଞ୍ଜି ଅଲୋଡ଼ା

**ପ୍ରଦୀପ ବେହେରା**
**ରାଇକିଆ,୪।୬(ଡି.ଏନ.ଏ)**

କନ୍ଧମାଳ ଜିଲାବାସୀଙ୍କ ପାଇଁ ଜଙ୍ଗଲଜାତ ଦ୍ରବ୍ୟ ରୋଜଗାରର ମାଧ୍ୟମ ହୋଇଥିବା ବେଳେ ସେଥିରୁ ଶାଳମଞ୍ଜି ଅନ୍ୟତମ। ପ୍ରତ୍ୟେକ ବର୍ଷ ମେ, ଜୁନ ମାସରେ ଶାଳ ମଞ୍ଜି ସଂଗ୍ରହ ହୁଏ। ବେଶୀ ନ ହେଲେ ମଧ୍ୟ ଏହି ଶାଳ ମଞ୍ଜି ସାମୟିକ ରୋଜଗାର ଯୋଗାଇଥାଏ। ହେଲେ ଗତ କିଛି ବର୍ଷ ହେଲା ଶାଳମଞ୍ଜି ସଂଗ୍ରହ ପ୍ରତି ଆଗ୍ରହ କମିବାରେ ଲାଗିଛି। ଦର କମ୍ ଯୋଗୁ ଲୋକେ ଆଉ ଆଗ ଭଳି ଶାଳମଞ୍ଜି ସଂଗ୍ରହ କରୁନାହାନ୍ତି। ଗଛରୁ ମଞ୍ଜି ଝଡ଼ି ତଳେ ପଡି ରହୁଥିଲେ ମଧ୍ୟ କେହି ଗୋଟାଉ ନାହାନ୍ତି । ପରିଶ୍ରମ ତୁଳନାରେ ଆଉ ସେଭଳି ପାରିଶ୍ରମିକ ମିଳୁ ନ ଥିବାରୁ ଏଥିରୁ ଲୋକଙ୍କ ଆଗ୍ରହ କମୁଛି। ପୂର୍ବରୁ ଗ୍ରୀଷ୍ମର ଟାଣ ଖରାକୁ ଖାତିର ନ କରି ଲୋକେ ଶାଳମଞ୍ଜି ଗୋଟାଉ ଥିଲେ। ଏହାକୁ ପ୍ରସ୍ତୁତ କରିବାକୁ ଏକ ମାସ ସମୟ ଲାଗୁ ଥିଲା। ପ୍ରଥମେ ଏହାର ପାଖୁଡ଼ା ଅଂଶକୁ ଖୋଲା ସ୍ଥାନରେ ନିଆଁ ଲଗାଯିବା ପରେ ଖରାରେ ଶୁଖାଇ ମଞ୍ଜି ବାହାର କରାଯିବା ପରେ ବଜାରରେ ବ୍ୟବସାୟୀଙ୍କୁ ବିକ୍ରି କରାଯାଉଥିଲା। କେଜି ପ୍ରତି ୧୦ରୁ ୧୨ ଟଙ୍କାରେ ବିକ୍ରି କରୁଥିବା ବେଳେ ଏଥିରୁ ପରିବାର ପିଛା ୫ ରୁ ୭ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ହେଉଥିଲା। କିନ୍ତୁ ଏବେ ରୋଜଗାରର ମାଧ୍ୟମ ବଦଳିଛି। ଏହି ଋତୁକାଳୀନ ବ୍ୟବସାୟ ପାଇଁ ଆଗ୍ରହ ଥିଲେ ବି ଲୋକେ ମଞ୍ଜି ସଂଗ୍ରହ କରୁନାହାନ୍ତି। ଫଳରେ ପୂର୍ବ ବର୍ଷ ଭଳି ଆଉ ରାଜ୍ୟ ବାହାକୁ ଶାଳ ମଞ୍ଜି ବିକ୍ରି କରି ପାରୁ ନଥିବା ରାଇକିଆ ଅଞ୍ଚଳର ବ୍ୟବସାୟୀ ଭଗବାନ ପାଢ଼ୀ କହିଛନ୍ତି। ବିକଳ୍ପ ପନ୍ଥା ଭାବେ ଖରାଦିନେ ଆମ୍ବ ସଂଗ୍ରହ ପ୍ରତି ଲୋକେ ମନ ବଳାଉଛନ୍ତି। ପ୍ରଚୁର ଆମ୍ବ ଉତ୍ପାଦନ ଯୋଗୁ ମଧ୍ୟ ଲୋକେ ସେହି ସମୟରେ ଆମ୍ବ ସଂଗ୍ରହ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି। ଆମ୍ବରୁ ରୋଜଗାରର ସମ୍ଭାବନା ଅଧିକା ରହୁଥିବା ଗୁଡରୀଘଷି ଅଞ୍ଚଳର ଦିବ୍ୟ ପ୍ରସାଦ ମଲ୍ଲିକ କହିଛନ୍ତି ।



ଶାଳମଞ୍ଜି ଗଛ ତଳେ ପଡ଼ି ରହିଛି।

